# ତହସିଲଦାରଙ୍କ କାର୍ଯ୍ୟାଳୟ : ବେତନୋଟି, ଜିଲ୍ଲା-ମୟୂରଭଞ୍ଜ

## ବିଜ୍ଞାପନ ସଂ- ୪୩୧୭ //ତା୦୮.୦୯.୨୦୨୨ //

## ଲଘୁ ଖଣିଜ ଦ୍ରବ୍ୟ ଦୀର୍ଘ ମିଆଦି ଲିଜ ନିମନ୍ତେ ବିଜ୍ଞାପନ

ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ, ଓଡିଶା ସରକାରଙ୍କ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ଅଧିନସ୍ଥ ବେତନୋଟି ତହସିଲର ୩ (ତିନି) ଗୋଟି ବାଲି ଉତ୍ସକୁ ୫(ପାଞ୍ଚ ) ବର୍ଷ ନିମନ୍ତେ OMMC Rule-2016 ଅନୁଯାୟୀ **ଦୀର୍ଘ ମିଆଦି ଲିଜ ସୁତ୍ରେ ନେବା ପାଇଁ ଦରଖାସ୍ତ ଆହ୍ୱାନ କରାଯାଉଅଛି** ।ଇଚ୍ଛୁକ ବ୍ୟକ୍ତି ବିଶେଷ OMMC Rule-2016 ଅନୁଯାୟୀForm-M ର ତିନି କିତା (୩ copies )ପୂରଣ କରି ଆସନ୍ତା**15.09.2022**ରିଖ ପୂର୍ବାହ୍ନ ୧୦.୦୦ ଘଟିକା ଠାରୁ **14.10.2022**ରିଖ ଅପରାହ୍ନ **୫.୦୦**ଘଟିକା ମଧ୍ୟରେ (ଛୁଟି ଦିନ ବ୍ୟତୀତ )ଆନୁସଙ୍ଗିକ ଦସ୍ତାବିଜ ସଂଲଗ୍ନ କରି ଜଉମୁଦ ଦିଆଯାଇଥିବା ଲଫାପା (sealed cover envelop) ରେ ଆବେଦନ କରୁଥିବା ସୈରାତ ଉତ୍ସର ନାମ ଉଲ୍ଲେଖ କରି Registered post/ Speed Post ଜରିଆରେ **ତହସିଲଦାର, ବେତନୋଟି,ଜିଲ୍ଲା-ମୟୂରଭଞ୍ଜଙ୍କ**ଠିକଣାରେକିମ୍ବାତହସିଲଦାରଙ୍କକାର୍ଯ୍ୟାଳୟରେ ଜଉମୁଦଦିଆ ଟେଣ୍ଡର ବାକ୍ସରେ ଦାଖଲ କରିପାରିବେ । ଉକ୍ତ ଟେଣ୍ଡର ବାକ୍ସ ତା.**15.10.2022**ରିଖ ପୂର୍ବାହ୍ନ ୧୧.୦୦ ଘଟିକା ସମୟରେ ଟେଣ୍ଡର କମିଟି ତଥା ଆବେଦନକାରୀଙ୍କଉପସ୍ଥିତିରେ ଖୋଲାଯାଇ ନିଲାମ ପ୍ରକ୍ରିୟା ସମ୍ପାଦନ କରାଯିବ ।

ନିଲାମସମ୍ବନ୍ଧୀୟ ସମସ୍ତ ସର୍ତ୍ତାବଳୀ ସଂପର୍କରେ ବେତନୋଟି ତହସିଲ କାର୍ଯ୍ୟାଳୟରେ (ଛୁଟି ଦିନ ବ୍ୟତୀତ )ସମସ୍ତ ସରକାରୀ କାର୍ଯ୍ୟ ଦିବସରେ ଉପଲବ୍ଧ ହେବ ଏବଂ ଜିଲ୍ଲା ୱେବସାଇଟ www.mayurbhanj.nic.inମାଧ୍ୟମରେ ମଧ୍ୟ ସମସ୍ତ ସୂଚନା ପାଇପାରିବେ । ଧାର୍ଯ୍ୟ ତାରିଖ ସମୟ ଅତିବାହିତ ହେଲା ପରେ କୌଣସି ଦରଖାସ୍ତ ଗ୍ରହଣ କରାଯିବ ନାହିଁ । ଆବଶ୍ୟକୀୟ ଦସ୍ତାବିଜ ନ ଥିଲେ କିମ୍ବାକୌଣସି ତ୍ରୁଟି ପରିଲକ୍ଷିତ ହେଲେ ଆବେଦନକାରୀଙ୍କଦରଖାସ୍ତକୁ ନିଲାମପ୍ରକ୍ରିୟାରୁ ବାଦ ଦିଆଯିବ।

ପ୍ରକାଶ ଥାଉ କି,କୌଣସି କାରଣ ନ ଦର୍ଶାଇ ଏହି ବିଜ୍ଞାପନକୁ ବାତିଲ କରିବା, ପରିବର୍ତ୍ତନ କରିବା,ତ୍ରୁଟି ସଂଶୋଧନ କରିବା କି କୌଣସି ଦରଖାସ୍ତକୁଖାରଜ କରିବାର କ୍ଷମତା ନିମ୍ନ ସ୍ୱାକ୍ଷରକାରୀଙ୍କର ରହିଅଛି।

08/09/2022

ତହସିଲଦାର ଏବଂ ପ୍ରାଧିକୃତ ଅଧିକାରୀ,
ବେତନୋଟି
TAHASILDAR
BETNOTI

# ତହସିଲଦାରଙ୍କ କାର୍ଯ୍ୟାଳୟ, ବେତନଟୀ: ମୟୂରଭଞ୍ଜ

ବିଜ୍ଞପ୍ତି ସଂଖ୍ୟା:୪୩୧୩//ସୈରାତ //ତା୦୮.୦୯.୨୦୨୨ ରିଖ//

## ଲଘୁ ଖଣିଜ ଉତ୍ସ ଦୀର୍ଘ ମିଆଦୀ ଲିଜ ନିମନ୍ତେ ବିଜ୍ଞାପନ

(ଓଡିଶାଲଘୁଖଣିଜଦ୍ରବ୍ୟରିହାତିଆଇନ2016ଓତତ୍ସମ୍ପୃକ୍ତଓଡିଶାଲଘୁଖଣିଜଦ୍ରବ୍ୟରିହାତି) ସଂଶୋଧନ (ଆଇନ ୨୦୨୨ ଅନୁଯାୟୀ)

ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ, ଓଡିଶା ସରକାରଙ୍କ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ଅଧିନସ୍ଥ ବେତନଟୀ ତହସିଲ ଅନ୍ତର୍ଗତ ନିମ୍ନଲିଖିତ ଲଘୁ ଖଣିଜ ଉତ୍ସ (ସମ୍ପୂର୍ଣ୍ଣ ବିବରଣୀ ନିମ୍ନରେ ପ୍ରଦତ୍ତ) କୁ ଆସନ୍ତା ୫ (ପାଞ୍ଚ) ବର୍ଷ ନିମନ୍ତେ ଦୀର୍ଘ ମିଆଦୀ ଲିଜ୍ ସୂତ୍ରେ ନେବା ପାଇଁ ଇଚ୍ଛୁକ ବ୍ୟକ୍ତି ମାନଙ୍କ ଠାରୁ ଦରଖାସ୍ତ ଆହ୍ୱାନ କରାଯାଉଅଛି ।

ଲିଜ୍ ରେ ଅଂଶଗ୍ରହଣ ପାଇଁ ଇଚ୍ଛୁକ ବ୍ୟକ୍ତିବିଶେଷ ଉତ୍ସ ଗୁଡିକୁ ପରିଦର୍ଶନ କରି ଏହାର ପରିଚାଳନା ପାଇଁ ଗମନାଗମନ ସୁବିଧା, ଗଚ୍ଛିତ ଥିବା ଲଘୁ ଖଣିଜ ଦ୍ରବ୍ୟ ଓ ଅନ୍ୟାନ୍ୟ ଆନୁସଙ୍ଗିକ ସୁବିଧା ସମ୍ପର୍କରେ ପର୍ଯ୍ୟବେକ୍ଷଣ କରିବା ପରେ ଆବେଦନ କରିବା ବାଞ୍ଛନୀୟ ।ଲିଜ୍ ନେବା ପରେ ସଇରାତ ଚଳାଇବା ସମ୍ପର୍କରେ କୌଣସି ଅଭିଯୋଗ ଗ୍ରହଣୀୟ ହେବ ନାହିଁ ତଥା କୌଣସି ପ୍ରାକୃତିକ ବିପର୍ଯ୍ୟୟ ନିମନ୍ତେ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ ।

ଇଚ୍ଛୁକ ବ୍ୟକ୍ତି ବିଶେଷ OMMC Rule-2016ଏବଂ ତତ୍ ସଂପର୍କିତ Amendment Rules ମୁତାବକ ନିମ୍ନଲିଖିତ ଆବଶ୍ୟକୀୟ କାଗଜାତ Sealed Cover ରେ ଆବେଦନ କରିବେ ।

## ଆବଶ୍ୟକୀୟ ଦସ୍ତାବିଜ୍

| | |
|---|---|
| 1 | OMMC Rule-2016 ଏବଂ OMMC(Amendment) Rule-2022ଅନ୍ତର୍ଗତ ନିର୍ଭୁଲ ଭାବରେ ପୂରଣ ହୋଇଥିବା ଏବଂ ଦରଖାସ୍ତକାରୀଙ୍କ ଦ୍ୱାରା ଦସ୍ତଖତ କରାଯାଇଥିବା ୩ କିତା **Form-M (3 Copies)**ଦାଖଲ କରିବେ । |
| 2 | ଦରଖାସ୍ତ ଫି ବାବଦକୁ ଟ. ୧୦୦୦.୦୦ (ଏକ ହଜାର) ଟଙ୍କାର ଟ୍ରେଜେରୀ ଚାଲାଣ **(Head of Account-0853-Non-Ferrous Mining and Meterological Industires-102-Mineral Concession Fees, Rent and Royalties-0217 received under Odisha Minor Mineral Concession Fees (New)-02021-Collection of Fees, Rents and Royalties (New)**ଦାଖଲ କରିବେ ଏବଂ ଏହି ଦରଖାସ୍ତ ଫି ଫେରସ୍ତ କରାଯିବ ନାହିଁ । |
| 3 | ଦରଖାସ୍ତକାରୀ ସ୍ୱାକ୍ଷରିତ ନିଜର ଫୋନ ନଂ ସହ ଉତ୍ସର ନାମ, ତଫସିଲ ଏବଂ ସରହଦ ବିବରଣୀ ସହିତ ସଂଲଗ୍ନ କରିବେ । |
| 4 | ଦରଖାସ୍ତକାରୀଙ୍କ ନାମରେ **Mines and Minerals (Development & Regulation Act 1957 & OMMC Rule-2016)**ଆଇନ ଅନୁଯାୟୀ କୌଣସି ଖଣିଜ ଦେୟ ଏବଂ ରାଜସ୍ୱ ବକେୟା ନଥିବା ଦର୍ଶାଇ ଏକ ସତ୍ୟପାଠ ଦାଖଲ କରିବେ ।ଯଦି କୌଣସି ବ୍ୟକ୍ତିର ଖଣିଜ ଦେୟ ଏବଂ ରାଜସ୍ୱ ବକେୟା ଥାଏ, ତେବେ ସେ ନିଲାମ ପ୍ରକ୍ରିୟାରେ ଅଂଶ ଗ୍ରହଣ କରିବାରେ ଅଯୋଗ୍ୟ ଘୋଷିତ ହେବେ । |
| 5 | ଦରଖାସ୍ତକାରୀ ୧୮ ମାସର ଅବଧି ଥାଇ ବ୍ୟାଙ୍କ ପ୍ରତ୍ୟାଭୂତି (Bank Guarantee)/ଗତ ଆର୍ଥିକ ବର୍ଷର ବାର୍ଷିକ ଆୟକର ଦାଖଲର ପରିମାଣଦାଖଲ କରିବେ ଯାହାର ସର୍ବନିମ୍ନ ମୂଲ୍ୟ ସଇରାତ ଉତ୍ସର ବାର୍ଷିକ ସର୍ବନିମ୍ନ ଧାର୍ଯ୍ୟ ଉତ୍ତୋଳନ ପରିମାଣ **(Minimum Guaranteed Quantity for 1st Year as specified inEC by SIEAA) x (Royalty + Offered Additional Charges by participant)**ହେବା ଆବଶ୍ୟକ ।<br>ଉଦାହରଣ<br>**Bank Guarantee/Income tax return for last financial year of the applicant = MGQ of that Quarry for 1st Year as specified in EC by SIEAAx (Offered Additional Chargesby the Participant + Royalty)** |
| 6 | ଦରଖାସ୍ତକାରୀ ଆବେଦନ କରୁଥିବା ସଇରାତ ଉତ୍ସର EMD (Earnest Money Deposit)ବ୍ୟାଙ୍କ ଡ୍ରାଫ୍ଟ ହିସାବରେ ଜମା କରିବେ ଯାହାର ପରିମାଣ **(Minimum Guaranteed Quantity for 1st year as specified in EC by SIEAA) x (Royalty + Additional Charges as per Notice)**ର ଶତକଡା ୫%ରହିବ । ଉକ୍ତ Bank DraftTahasildar, Betnotiଙ୍କ ନାମରେ payable at **B.O.I.**, BetnotiBranchକରିବା ବାଞ୍ଛନୀୟ ନୋଚେତ ଦରଖାସ୍ତଟିକୁ ବିଚାରକୁ ନିଆଯିବ ନାହିଁ । |

| | |
|---|---|
| 7 | ଦରଖାସ୍ତକାରୀ ପ୍ରାଧିକୃତ ରାଜସ୍ୱ ଅଧିକାରୀଙ୍କ ଠାରୁ ପ୍ରାପ୍ତ ହୋଇଥିବା ସ୍ଥାବର ସମ୍ପତ୍ତିର ତାଲିକା ଦାଖଲ କରିବେ । |
| 8 | ଦରଖାସ୍ତକାରୀ ଗତବର୍ଷର ଆୟକର ଦାଖଲ(Income Tax Return Filing) ବିବରଣୀର ନକଲ ଦାଖଲ କରିବେ । |
| 9 | ଦରଖାସ୍ତକାରୀ GST Clearance Certificate/GST numberର ନକଲ ଦାଖଲ କରିବେ । |
| 10 | ଦରଖାସ୍ତକାରୀ କୌଣସି ସଇରାତ ଉତ୍ସ ନିମନ୍ତେ ଆବେଦନ କରିବା ପୂର୍ବରୁ, ଉକ୍ତ ଉତ୍ସକୁ ପରିଦର୍ଶନ କରିଥିବାର ଏକ ସ୍ୱଘୋଷିତ ଲିଖିତନାମା (Self Declaration)ଦାଖଲ କରିବେ । |
| 11 | ଦରଖାସ୍ତକାରୀ ସଇରାତ ଉତ୍ସର **Mining Plan, EC Preparation & Sairat Advertising Cost + Sand Replenishment Study, CTO +Registration & Stamp Duty** ର ସମସ୍ତ ଖର୍ଚ୍ଚ ବାବଦ ମୂଲ୍ୟ ଦେବା ନେଇ ଏକ ସତ୍ୟପାଠ (from Executive Magistrate) ଦାଖଲ କରିବେ । |
| 12 | ଦରଖାସ୍ତକାରୀ ବନ୍ଦ ଲଫାପାରେ ଉପରି ଭାଗରେ ବଡ ଅକ୍ଷରରେ କେଉଁ ସଇରାତ ଉତ୍ସ ନିମନ୍ତେ ଆବେଦନ କରୁଛନ୍ତି ଏବଂ ଆବେଦନକାରୀଙ୍କ ନାମ, ଠିକଣା ଓ ଫୋନ ନମ୍ବର ସ୍ପଷ୍ଟ ଭାବରେ ଉଲ୍ଲେଖ କରିବେ । ନଚେତ ଦରଖାସ୍ତଟିକୁ ବିଚାରକୁ ନିଆଯିବ ନାହିଁ । |
| 13 | ଯଦି ଦରଖାସ୍ତକାରୀଙ୍କ କୌଣସି ସନ୍ଦେହ  ଥାଏ, ତେବେ ପ୍ରାଧିକୃତ ଅଧିକାରୀଙ୍କ କାର୍ଯ୍ୟଦିବସରେ ସାକ୍ଷାତ କରି ସନ୍ଦେହ ମୋଚନ କରିପାରିବେ । |

**#ଉପରୋକ୍ତ ଦସ୍ତାବିଜରୁ କୌଣସି ଗୋଟିଏ କାଗଜାତ ନ ଥିଲେ ଆବେଦନକାରୀଙ୍କ ଦରଖାସ୍ତକୁ ବିଚାରକୁ ନିଆଯିବ ନାହିଁ ।**

ଉପରୋକ୍ତ କାଗଜାତ ସହ ଦରଖାସ୍ତକୁ ଜଉମୁଦ ଲଫାପାରେ Registered Postକିମ୍ବା Speed Postଯୋଗେ ନିମ୍ନଲିଖିତ ଠିକଣାରେ ପଠାଇବାକୁ ହେବ କିମ୍ବା ତହସିଲ କାର୍ଯ୍ୟାଳୟରେ ଥିବା ଜଉମୁଦ ଦିଆ ଟେଣ୍ଡର ବକ୍ସରେ ତା. 15.09.2022 ରିଖ ପୂର୍ବାହ୍ନ ଘ. ୧୦.୦୦ ଟିକା ଠାରୁ ତା 14.10.2022 ରିଖ ଅପରାହ୍ନ ଘ. ୫.୩୦ ଟିକା ପର୍ଯ୍ୟନ୍ତ ଯେକୌଣସି କାର୍ଯ୍ୟ ଦିବସରେ ସରକାରୀ କାର୍ଯ୍ୟ ନିର୍ଘଣ୍ଟ ପରିଧି ମଧ୍ୟରେ ପକାଇବା ଆବଶ୍ୟକ । ଲଫାପା ଉପରେ ସଇରାତ ଉତ୍ସର ନାମ ଓ ସଇରାତ କେଶ ନମ୍ବର ଲେଖାଥିବା ଆବଶ୍ୟକ । ନିଲାମ ଧାର୍ଯ୍ୟ ତାରିଖର ପୂର୍ବ ଦିନ ଅପରାହ୍ନ ୫.୩୦ ଘଟିକା ପରେ ପ୍ରାପ୍ତ ହୋଇଥିବା ଦରଖାସ୍ତ ଗୁଡିକୁ ବିଚାରକୁ ନିଆଯିବ ନାହିଁ । କୌଣସି କାରଣ ନ ଦର୍ଶାଇ ନିଲାମକୁ ସ୍ଥଗିତ / ରଦ୍ଦ କରିବାର କ୍ଷମତା, ନିମ୍ନସ୍ୱାକ୍ଷରକାରୀ କିମ୍ବା ଜିଲ୍ଲାପାଳ, ମୟୂରଭଞ୍ଜଙ୍କର ରହିଅଛି । ତା 14.10.2022 ରିଖ ଅପରାହ୍ନ ଘ. ୫.୩୦ ଟିକା ପରେ କୌଣସି ଆବେଦନ ଗ୍ରହଣ କରାଯିବ ନାହିଁ । ତା 15.10.2022 ରିଖ ପୂର୍ବାହ୍ନ ୧୧ ଘଟିକା ସମୟରେ ନିମ୍ନ ସ୍ୱାକ୍ଷରକାରୀଙ୍କ କାର୍ଯ୍ୟାଳୟ ଠାରେ ଆବେଦନ କରାଯାଇଥିବା ଦରଖାସ୍ତ ଗୁଡିକୁ ଆବେଦନକାରୀ କିମ୍ବା ତାଙ୍କ ଦ୍ୱାରା କ୍ଷମତାପ୍ରାପ୍ତ ବ୍ୟକ୍ତିଙ୍କ ଉପସ୍ଥିତିରେ ଟେଣ୍ଡର ବକ୍ସ ଖୋଲାଯାଇ ଗ୍ରହଣ କରାଯାଇଥିବା ଦରଖାସ୍ତଗୁଡିକୁ ତନଖି କରାଯିବ ଏବଂ OMMC Rule-2016ଅନୁଯାୟୀ ସମସ୍ତ ସର୍ତ୍ତାବଳୀ କୁ ପୂରଣ କରୁଥିବା ଦରଖାସ୍ତ ଗୁଡିକୁ ବିଚାରକୁ ନିଆଯାଇ ତନ୍ମଧ୍ୟରୁ ସର୍ବୋଚ୍ଚଦର ଉଲ୍ଲେଖ କରିଥିବା ଦରଖାସ୍ତକାରୀଙ୍କ ସପକ୍ଷରେ ନିଲାମ ମଞ୍ଜୁର କରାଯିବ  ଏବଂ ଅସମ୍ପୂର୍ଣ୍ଣ ଦରଖାସ୍ତ ଗୁଡିକୁ ବାତିଲ କରିଦିଆଯିବ ।**ଠିକଣା:- ତହସିଲଦାର ଏବଂ ପ୍ରାଧିକୃତ ଅଧିକାରୀଙ୍କ କାର୍ଯ୍ୟାଳୟ, ବେତନଟୀ,ସା / ପୋ.ଅ./ଥାନା –ବେତନଟୀ, ଜିଲ୍ଲା – ମୟୂରଭଞ୍ଜ ପିନ – ୭୫୭୦୨୫**

ଯଦି କୌଣସି ସଇରାତ ଉତ୍ସ ଉପରୋକ୍ତ ଦିବସରେ ନିଲାମ ନ ହୋଇପାରେ, ତେବେ ତାହା ତା 20.10.2022 ରିଖ ଅପରାହ୍ନ ୫.୩୦ ପର୍ଯ୍ୟନ୍ତ ପୁନର୍ବାର **Registered Post / Speed Post / Tender Box** ମାଧ୍ୟମରେ ଦରଖାସ୍ତ ଗ୍ରହଣ କରାଯିବ ଏବଂ ତା 21.10.2022 ରିଖ ପୂର୍ବାହ୍ନ ୧୧ ଘଟିକା ସମୟରେ ନିମ୍ନସ୍ୱାକ୍ଷରକାରୀଙ୍କ କାର୍ଯ୍ୟାଳୟଠାରେ ଆବେଦନ କରାଯାଇଥିବା ଦରଖାସ୍ତ ଗୁଡିକୁ ଆବେଦନକାରୀ କିମ୍ବା ତାଙ୍କ ଦ୍ୱାରା କ୍ଷମତାପ୍ରାପ୍ତ ବ୍ୟକ୍ତିଙ୍କ ଉପସ୍ଥିତିରେ ଟେଣ୍ଡର ବକ୍ସ ଖୋଲାଯାଇ ଗ୍ରହଣ କରାଯାଇଥିବା ଦରଖାସ୍ତଗୁଡିକୁ ତନଖି କରାଯିବ ।  ସେହିପରି ଯଦି କୌଣସି ସଇରାତ ଉତ୍ସ ଉପରୋକ୍ତ ଦିବସରେ ପୁନର୍ବାର ନିଲାମ ନ ହୋଇପାରେ ତେବେ ତାହା ତା 27.10.22 ରିଖ ଅପରାହ୍ନ ୫.୩୦ ପର୍ଯ୍ୟନ୍ତ ପୁନର୍ବାର Registered Post / Speed Post / Tender Boxମାଧ୍ୟମରେ ଦରଖାସ୍ତ ଗ୍ରହଣ କରାଯିବ  ଏବଂ ତା 28.10.22 ରିଖ ପୂର୍ବାହ୍ନ ୧୧ ଘଟିକା ସମୟରେ ନିମ୍ନସ୍ୱାକ୍ଷରକାରୀଙ୍କ କାର୍ଯ୍ୟାଳୟଠାରେ ଆବେଦନ କରାଯାଇଥିବା ଦରଖାସ୍ତ ଗୁଡିକୁ ଆବେଦନକାରୀ କିମ୍ବା ତାଙ୍କ ଦ୍ୱାରା କ୍ଷମତାପ୍ରାପ୍ତ ବ୍ୟକ୍ତିଙ୍କ ଉପସ୍ଥିତିରେ ଟେଣ୍ଡର ବକ୍ସ ଖୋଲାଯାଇ ଗ୍ରହଣ କରାଯାଇଥିବା ଦରଖାସ୍ତଗୁଡିକୁ ତନଖି କରାଯିବ ।

# ସର୍ତ୍ତାବଳୀ

| | |
|---|---|
| 1 | ଆବେଦନକାରୀମାନେ OMMC Rule-2016 ଏବଂ ଏହାର Amendment Rule ର ପରିସରଭୂକ୍ତ ରହିବେ ଏବଂ ସମୟାନୁକ୍ରମେ ସରକାରଙ୍କ ଦ୍ୱାରା ଲାଗୁ କରାଯାଇଥିବା ଅନ୍ୟାନ୍ୟ ନୀତିନିୟମକୁ ମାନିବାକୁ ବାଧ ହେବେ ଓ ଅଦାଲତଙ୍କ ଆଦେଶ ମାନିବାକୁ ବାଧ ହେବେ । |
| 2 | ଆବେଦନକାରୀ ଲିଜ ପାଇଁ ଉଦ୍ଦିଷ୍ଟ ନିଲାମରେ ଭାଗ ନେବା ପୂର୍ବରୁ ବାଲିଉତ୍ସ ଗୁଡିକ ପରିଦର୍ଶନ କରି ସଇରାତ ପରିଚାଳନା ପାଇଁ ଗମନାଗମନ ସୁବିଧା, ଗଚ୍ଛିତ ଥିବା ଅନ୍ୟାନ୍ୟ ଆନୁଷଙ୍ଗିକ ସୁବିଧା ସମ୍ପର୍କରେ ପର୍ଯ୍ୟବେକ୍ଷଣ କରି ଏକ ସତ୍ୟପାଠ ଦାଖଲ କରିବେ ଏବଂ ଏହି ଲିଜ ଉଦ୍ଦିଷ୍ଟ ନିଲାମରେ ଅଂଶଗ୍ରହଣ କରିବେ । ଲିଜ ପରେ ସଇରାତ ଚଳାଇବା ସମ୍ପର୍କରେ କୌଣସି ଅଭିଯୋଗ ଗ୍ରହଣୀୟ ହେବ ନାହିଁ ଏବଂ ସେଥିପାଇଁ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ । ଲିଜ ଦିଆଯାଇଥିବା ଧାର୍ଯ୍ୟ ସମୟ ମଧ୍ୟରେ କୌଣସି ପ୍ରାକୃତିକ ବିପର୍ଯ୍ୟୟ ପାଇଁ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ । ଲିଜ୍ ହେଲା ପରେ ଉକ୍ତ ସୈରାତ ଉତ୍ସର ରକ୍ଷଣା ବେକ୍ଷଣ କରିବା ଲିଜଧାରି ବୁଝିବେ । ଏଥି ସମ୍ବନ୍ଧୀୟ କୌଣସି ଆପତ୍ତି ଅଭିଯୋଗ ପ୍ରାଧିକୃତ ଅଧିକାରୀଙ୍କ ଦ୍ୱାରା ଗ୍ରହଣ କରାଯିବ ନାହିଁ । |
| 3 | ଲିଜ ଧାରୀ Mining Plan, EC ଏବଂ Advertising ର ମୂଲ୍ୟ ଦାଖଲ କରିବେ ନଚେତ ଲିଜ ବାତିଲ କରାଯିବ । ସର୍ବୋଚ୍ଚ ନିଲାମଧାରୀ ବାଲି ଉତ୍ସ ପରିଚାଳନା ନିମନ୍ତେ ଆବଶ୍ୟକୀୟ ମଞ୍ଜୁରୀ (Consent to establish & Consent to operate) ପ୍ରଦୁଷଣ ନିୟନ୍ତ୍ରଣ ବୋର୍ଡରୁ (Odisha Pollution Control Board) ନିଜ ଖର୍ଚ୍ଚରେ ପ୍ରାପ୍ତ କରିବେ । |
| 4 | ବାଲି ସୈରାତ ଉତ୍ସ ପାଇଁ ଘନମିଟର (Per Cubic Metre) ପ୍ରତି ସର୍ବନିମ୍ନ ସରକାରୀ ରୟାଲଟି ମୂଲ୍ୟ ଏବଂ ସର୍ବନିମ୍ନ ଅତିରିକ୍ତ ଦେୟ (Additional Charge) ର ମୂଲ୍ୟ (ସମ୍ପୂର୍ଣ୍ଣ ବିବରଣୀ ନିମ୍ନରେ ପ୍ରଦତ୍ତ) କରାଯାଇଛି । |
| 5 | ସରକାରୀ ଭାବେ ଘନମିଟର ପ୍ରତି ଧାର୍ଯ୍ୟ ସର୍ବନିମ୍ନ ଅତିରିକ୍ତ ଦେୟ (Minimum Additional Charge) ଏବଂ Royalty ର ଦରଠାରୁ କମ ଦରରେ ଦରଖାସ୍ତ କରିଥିବା କିମ୍ବା ଆବଶ୍ୟକୀୟ ଦସ୍ତାବିଜ ସଂଲଗ୍ନ ନକରିଥିବା ଦରଖାସ୍ତକାରୀଙ୍କ ଦରଖାସ୍ତ ଖାରଜ କରି ଦିଆଯିବ । |
| 6 | ଯଦି ଏକାଧିକ ବ୍ୟକ୍ତି ସମ୍ପୃକ୍ତ ସୈରାତ ଉତ୍ସ ନିମନ୍ତେ ସମାନ **Royalty ଏବଂ Additional Charge**ମୂଲ୍ୟ ଦର୍ଶାଇଥାନ୍ତି ତେବେ ଲଟେରୀ (By Draw of Lots) ମାଧ୍ୟମରେ ଯୋଗ୍ୟ ବିବେଚିତ କରାଯିବ । |
| 7 | ଯଦି କୌଣସି ଉତ୍ସ ନିମନ୍ତେ କେବଳ ଗୋଟିଏ ମାତ୍ର ଦରଖାସ୍ତ ଗ୍ରହଣ ହୋଇଥିବ ତେବେ ସେହି ଉତ୍ସ ପାଇଁ ନିଲାମ କରାଯିବ ନାହିଁ । |
| 8 | ଚୟନ କରାଯାଇଥିବା ନିଲାମଧାରୀଙ୍କୁ କ୍ଷମତାପ୍ରାପ୍ତ ଅଧିକାରୀଙ୍କ ଠାରୁ Form-F ମାଧ୍ୟମରେ ଚୟନ ସମ୍ବନ୍ଧୀୟ ତଥ୍ୟ ଏବଂ ସୈରାତ ଉତ୍ସ ପରିଚାଳନା ନିମନ୍ତେ ଆବଶ୍ୟକୀୟ ସର୍ତ୍ତାବଳୀ ଯୋଗାଇ ଦିଆଯିବ । ଏହି Form-F ପାଇବାର ୧୫ ଦିନ ମଧ୍ୟରେ ଚୟନ ହୋଇଥିବା ନିଲାମଧାରୀ ନିଲାମ ନେବା ନେଇ ନିଜର ସ୍ୱୀକୃତି ପ୍ରଦାନ କରିବେ ଏବଂ ବାର୍ଷିକ ଦେୟ **[{(Minimum Guaranteed Quantity as per Mining Plan) x (Royalty+ Offered Additional Charges)} + (District Mineral Foundation)]**ର ଏକ ଚତୁର୍ଥାଂଶ Earnest Money କୁ ବାଦ ଦେଇ ବଳକା ରାଶିର ପରିମାଣ ଜମା କରିବେ ଏବଂ ଏଥି ସହ ପୂର୍ବରୁ ଦାଖଲ ହୋଇଥିବା **Earnest Money**କୁ ଏକତ୍ର କରି ବିନା ସୁଧରେ ଅମାନତ ରାଶି (Security Deposit) ଭାବରେ ରଖାଯିବ । ଅମାନତ ରାଶିର ପରିମାଣ ଲିଜ ଫାଇନାଲ ହେବା ପରେ ସ୍ଥିର କରାଯିବ । **ଯଦି ମନୋନୀତ ବ୍ୟକ୍ତି ୧୫ ଦିନ ମଧ୍ୟରେ ସମ୍ମତି ନ ଦିଅନ୍ତି ଏବଂ ଅମାନତ ରାଶି ପଇଠ ନ କରନ୍ତି, ତେବେ ଦ୍ୱିତୀୟ ସର୍ବାଧିକ ନିଲାମଧାରୀଙ୍କୁ ସୁଯୋଗ ଦିଆଯିବ ଏବଂ ନିଲାମଧାରୀ ଙ୍କ Earnest Money କୁ ବାଜ୍ୟାପ୍ତି କରାଯିବ । ନିଲାମଧାରୀଙ୍କ ସ୍ୱୀକୃତି ପରେ ନିଲାମ ପ୍ରକ୍ରିୟାରେ ଅଂଶଗ୍ରହଣ କରି ଅଯୋଗ୍ୟ ବିବେଚିତ ହୋଇଥିବା ଆବେଦନକାରୀଙ୍କ Earnest Money କୁ ଫେରସ୍ତ କରିଦିଆଯିବ । ଯଦିଦ୍ୱିତୀୟସର୍ବୋଚ୍ଚଅତିରିକ୍ତଦେୟମୁଲ୍ୟାଙ୍କକରିଥିବାଆବେଦନକାରୀଙ୍କଦ୍ୱାରାପ୍ରଦାନକରାଯାଇଥିବାଅର୍ଥରାଶିପ୍ରଥମସର୍ବୋଚ୍ଚମୂଲ୍ୟାଙ୍କକରିଥିବାଆବେଦନକାରୀଙ୍କଅର୍ଥରାଶିଠାରୁଅତିକମହୋଇଥାଏତେବେଲିଜପ୍ରକ୍ରିୟାକୁରଦ୍ଦକରାଯାଇ** Controlling Authority **ଙ୍କ ଅନୁମତି କ୍ରମେ ନୂତନ ରୂପେ ନିଲାମ କରାଯିବ।** |
| 9 | ସେହିଭଳିଲିଜଧାରୀଙ୍କୁଆଗାମୀ7**ସାତଦିନମଧ୍ୟରେପ୍ରଥମବର୍ଷ**ରପରିମାଣ **(MGQ AS PER SEIAA APPROVED)** ଅନୁଯାୟୀବକେୟାଥିବାସମସ୍ତ ଦେୟ ଯଥା **Royalty, Additional Charge, Dead Rent, Surface Rent, DMF, EMF** ଓ **ଅନ୍ୟାନ୍ୟ ଦେୟର OMMC Rules -2016**ନିୟମାବଳୀ ଅନୁଯାୟୀ କ୍ଷମତାପ୍ରାପ୍ତ ଅଧିକାରୀଙ୍କ ନିକଟରେ ପଇଠ କରିବେ ଏବଂ ଏ ସମସ୍ତ ଦେୟର ୨%ଆୟକର (TDS)ବାବଦକୁ ଜମା କରିବେ ।<br>*ଲିଜଧାରୀ ସରକାରଙ୍କ ଦ୍ୱାରା ସମୟାନୁକ୍ରମେ ଧାର୍ଯ୍ୟ ମୂଲ୍ୟ ଅନୁସାରେ DMF, EMF ଓ ଅନ୍ୟାନ୍ୟ ଶୁଳ୍କ ପଇଠ କରିବା ନିମନ୍ତେ ବାଧ ହେବେ । |

| | |
|---|---|
| 10 | ଚୟନ କରାଯାଇଥିବା ନିଲାମଧାରୀ Form – **F** ରେ ଚୟନ ହେବାର 21 ଦିନ ମଧ୍ୟରେ ଉକ୍ତ ସୈରାତ ଉତ୍ସର ଚୁକ୍ତିପତ୍ର(Form –**N**) ସ୍ୱାକ୍ଷର କରିବା ସହ ନିଜ ଖର୍ଚ୍ଚରେ ଏହାର ରେଜେଷ୍ଟ୍ରି **(Registration Act-1908 and Stamp Act- 1890 & 1899ଅନୁଯାୟୀ)** ସମ୍ପାଦନ କରିବେ ଏବଂ ଏଥି ପାଇଁ ଉଦ୍ଦିଷ୍ଟ ସମସ୍ତଖର୍ଚ୍ଚ ଲିଜଧାରୀ ବହନ କରିବେ ।ଯଦି ନିୟୋଜିତ (Highest bidder) କାରି ଚୁକ୍ତି ସମ୍ପାଦନ ପୂର୍ବରୁ ନିର୍ଦ୍ଧାରିତ ମୂଲ୍ୟ ଜମା ନ କରନ୍ତି, ତେବେ ତାଙ୍କରEMD ଓ ଜମା କରିଥିବା ରାଶି ବାଜ୍ୟାପ୍ତି କରି ସରକାରଙ୍କ ନିକଟରେ ଜମା ଦିଆଯିବ । |
| 11 | ଯଦି Form-F ରେ ଚୟନ ହୋଇଥିବା ବ୍ୟକ୍ତି (Form-N) ଚୁକ୍ତି ପତ୍ର ନିର୍ଦ୍ଧାରିତ ନ କରନ୍ତି, ତେବେ ୬୦ ଦିନର ନୋଟିସ ପ୍ରିୟଡ ଏବଂ ୩୦ ଦିନର ଅପିଲ ଅଧିକାରୀଙ୍କଠାରେ ଅପିଲ ପ୍ରିୟଡ ପରେ ପ୍ରାଧିକୃତ ଅଧିକାରୀଙ୍କ ଦ୍ୱାରା Form-F ରେ ଚୟନ ହୋଇଥିବା ବ୍ୟକ୍ତିଙ୍କୁ ରଦ୍ଦ କରି ଦ୍ୱିତୀୟ ସର୍ବାଧିକ ନିଲାମଧାରୀଙ୍କୁ Form-F ରେ ଚୟନ ପତ୍ର ପ୍ରଦାନ କରାଯିବ ।ସମୟ ଅନ୍ତେ କୌଣସି ଆପତ୍ତି ଅଭିଯୋଗ ଗ୍ରହଣ କରାଯିବ ନାହିଁ । |
| 12 | OMMC Rules -2016ନିୟମାବଳୀ ଅନୁଯାୟୀ ଆବଶ୍ୟକ ସ୍ଥଳେ ପଇଠ ହୋଇଥିବା ଜମାରାଶି ବାଜ୍ୟାପ୍ତି କରିବାର କ୍ଷମତା କ୍ଷମତାପ୍ରାପ୍ତ ଅଧିକାରୀଙ୍କର ରହିବ । |
| 13 | ଲିଜଧାରୀ ପ୍ରତ୍ୟେକ ଆର୍ଥିକ ବର୍ଷ ଧାର୍ଯ୍ୟ କରାଯାଇଥିବା ସୈରାତ ଉତ୍ସର ସମସ୍ତ ଦେୟ ଯଥା **Royalty, Additional Charge, Dead Rent, Surface Rent, DMF, EMF,GST**ଓ ଅନ୍ୟାନ୍ୟ ଦେୟର **OMMC Rules -2016**ନିୟମାବଳୀ ଅନୁଯାୟୀ କ୍ଷମତାପ୍ରାପ୍ତ ଅଧିକାରୀଙ୍କ ନିକଟରେ ପଇଠ କରିବେ ଏବଂ ଏ ସମସ୍ତ ଦେୟର ୨%ଆୟକର (TDS)ବାବଦକୁ ଜମା କରିବେ । |
| 14 | ଲିଜଧାରୀ ସୈରାତ ଉତ୍ସର ନକ୍ସା ଅନୁଯାୟୀ ସିମେଣ୍ଟ ଖୁଣ୍ଟ ବାଡ ଦେଇ ଚିହ୍ନଟ କରିବେ ଏବଂ ତାହା ସାମ୍ନାରେ ଫଳକ (Display Board) ଏବଂ ଆବଶ୍ୟକୀୟ ବ୍ୟବସ୍ଥା କରି ସେଥିରେ ସୈରାତ ଉତ୍ସର ନାମ ତଥା ମଞ୍ଜୁର ହୋଇଥିବା ଆର୍ଥିକ ବର୍ଷ ଏବଂ ଅନ୍ୟାନ୍ୟ ସୂଚନା ଉଲ୍ଲେଖ କରିବେ । ଏସବୁ କାର୍ଯ୍ୟ ସମ୍ପାଦନ ପାଇଁ ସମସ୍ତ ଖର୍ଚ୍ଚ ଲିଜଧାରୀ ବହନ କରିବେ । |
| 15 | ଉପରୋକ୍ତ ସମସ୍ତ ସର୍ତ୍ତାବଳୀ ପୂରଣ ହେଲାପରେ କାର୍ଯ୍ୟାଦେଶ ଦିଆଯିବ । କ୍ଷମତାପ୍ରାପ୍ତ ଅଧିକାରୀଙ୍କ ଠାରୁ କାର୍ଯ୍ୟାଦେଶ ନ ମିଳିବା ପର୍ଯ୍ୟନ୍ତ ଲିଜଧାରୀ ସୈରାତ ଉତ୍ସରୁ ବାଲି ଉଠାଇ ପାରିବେ ନାହିଁ । |
| 16 | ଲିଜ ସମ୍ବନ୍ଧୀୟ ସର୍ତ୍ତାବଳୀ ଓ ଅନ୍ୟାନ୍ୟ କାଗଜାତ ବେତନଟୀ ତହସିଲ କାର୍ଯ୍ୟାଳୟରେ ଛୁଟିଦିନ ବ୍ୟତୀତ ସମସ୍ତ କାର୍ଯ୍ୟ ଦିବସରେ ପାଇ ପାରିବେ । ଏହି ଇସ୍ତାହାର ର ସମ୍ପୂର୍ଣ୍ଣ ବିବରଣୀ ଜିଲ୍ଲା ସରକାରୀ ୱେବସାଇଟ **mayurbhanj.nic.in**ରେ ଦେଖିପାରିବେ । |
| 17 | ନିଲାମ ଦରଖାସ୍ତକାରୀମାନେ ଓଡିଶା ଲଘୁ ଖଣିଜ ନିୟମ- ୨୦୧୬ (OMMC Rules -2016) ଏବଂ ତତ୍ ସଂଲଗ୍ନ ସମସ୍ତ ସରକାରୀ ଓ ଅଦାଲତ ଆଦେଶ ମାନିବାକୁ ବାଧ ହେବେ । |
| 18 | ଲିଜଧାରୀ ଏକ ସ୍ୱତନ୍ତ୍ର ରେଜିଷ୍ଟରରେ ପ୍ରତ୍ୟେକ ଦିନ ଉତ୍ତୋଳନ ଓ ପରିବହନ ହେଉଥିବା ଲଘୁଖଣିଜ ଦ୍ରବ୍ୟ ହିସାବ ଲିପିବଦ୍ଧ କରିବା ସହିତ ଲଘୁ ଖଣିଜ ଉତ୍ତୋଳନ ଏବଂ ପରିବହନ ର ତ୍ରୟ ମାସିକ ଏବଂ ବାର୍ଷିକ ହିସାବ ଏହି କାର୍ଯ୍ୟାଳୟରେ ଦାଖଲ କରିବେ । |
| 19 | ଲିଜଧାରୀ ସୈରାତଉତ୍ସର **Mining Plan, E.C. Preparation, Sairat Advertisement, Sand Replenishment Study, consent to establish & consent to operate certificate from State Pollution Control Board**. ଇତ୍ୟାଦିର ସମସ୍ତ ଖର୍ଚ୍ଚ ବହନ କରିବେ । |
| 20 | ଯଦି ଉକ୍ତ ନିଲାମ ଇସ୍ତାହାରରେ କୌଣସି ତ୍ରୁଟି ପରିଲକ୍ଷିତ ହୁଏ, ତେବେ ସଂଶୋଧନ କରିବାର ଅଧିକାର କ୍ଷମତାପ୍ରାପ୍ତ ଅଧିକାରୀଙ୍କ ର ରହିଛି ଏବଂ କ୍ଷମତାପ୍ରାପ୍ତ ଅଧିକାରୀ କୌଣସି କାରଣ ନ ଦର୍ଶାଇ ଲିଜ ବାତିଲ ବା ସ୍ଥଗିତ କରିପାରିବେ । |
| 21 | ଲିଜ ଅବଧି ମଧ୍ୟରେ ଲିଜଧାରୀ ଲିଜ ସମ୍ବନ୍ଧୀୟ ସର୍ତ୍ତାବଳୀର ଉଲ୍ଲଂଘନ କଲେ ତାଙ୍କ ଲିଜ ରଦ୍ଦ କରିବା ସଙ୍ଗେ ସଙ୍ଗେ ଜମାରାଶିକୁ **ବାଜ୍ୟାପ୍ତି** କରାଯିବ ଓ ଆଇନ ଅନୁଯାୟୀ ଦଣ୍ଡ ବିଧାନ କରାଯିବ । |
| 22 | ଲିଜଧାରୀ ସୈରାତ ଉତ୍ସର Mining Plan,SEIAA ଏବଂ StatePollution Control Boardରେ ଉଲ୍ଲେଖ ସମସ୍ତ ନିୟମ / ସର୍ତ୍ତାବଳୀ ମାନିବାକୁ ବାଧ ହେବେ ଓ ଅଦାଲତଙ୍କ ଆଦେଶ ମାନିବାକୁ ବାଧ ହେବେ । |
| 23 | ଏତଦ୍ ବ୍ୟତୀତ ଯଦି ଅନ୍ୟ ଯେକୌଣସି ନିର୍ଦ୍ଦେଶ ନାମା ଉଚ୍ଚ କର୍ତ୍ତୃପକ୍ଷଙ୍କ ଠାରୁ ହସ୍ତଗତ ହୁଏ, ତେବେ ଲିଜଧାକୀ ତାହା ମାନିବାକୁ ବାଧହେବେ । |

# ଗୁରୁତ୍ୱପୂର୍ଣ୍ଣ ତାରିଖ

୧. ଦରଖାସ୍ତ ପକାଇବାର ଶେଷ ତାରିଖ –ତା 14.10.2022 ରିଖ ଅପରାହ୍ନ ଘ. ୫.୩୦ ଟିକା

୨. ଟେଣ୍ଡର ବାକ୍ସ ଖୋଲିବାର ତାରିଖ –ତା 15.10.2022 ରିଖ ପୂର୍ବାହ୍ନ ଘ. ୧୧.୦୦ ଟିକା

୩. କୌଣସି କାରଣ ବଶତଃ ତା 15.10.2022 ରିଖରେ ଟେଣ୍ଡର ବାକ୍ସ ଖୋଲା ନ ହୋଇପାରିଲେ ପରବର୍ତ୍ତୀ ତାରିଖ- 17.10.2022

୪. ପ୍ରଥମ ଧାର୍ଯ୍ୟ ତାରିଖରେ କୌଣସି ଦରଖାସ୍ତ ପ୍ରାପ୍ତ ନ ହେଲେ ପରବର୍ତ୍ତୀ ଆବେଦନ ତାରିଖ- ତା 17.10.2022 ରିଖ ଠାରୁ ତା 20.10.2022 ରିଖ ଅପରାହ୍ନ ଘ ୫.୩୦ ଟିକା ।

୫. ଦ୍ୱିତୀୟ ଟେଣ୍ଡର ବାକ୍ସ ଖୋଲିବା ତାରିଖ - ତା 21.10.2022 ରିଖ ପୂର୍ବାହ୍ନ ଘ ୧୧.୦୦ ଟିକା

## ଲିଜ ପାଇଁ ଉଦ୍ଦିଷ୍ଟ ବାଲି ଉତ୍ସ ର ବିସ୍ତାରିତ ବିବରଣୀ

| କ୍ରମିକ ସଂଖ୍ୟା | ସଇରାତ ଉତ୍ସର ନାମ ଏବଂ କେସ ନମ୍ବର | ମୌଜାର ନାମ | ଖାତା ନଂ. | ପ୍ଲଟ ନଂ. | ରକବା (In Acre) | ଧାର୍ଯ୍ୟ ସରକାରୀ ମୂଲ୍ୟ ଓ ସର୍ବନିମ୍ନ ଅତିରିକ୍ତ ଦେୟ | ପ୍ରଥମ ବାର୍ଷିକ ସର୍ବନିମ୍ନ ଧାର୍ଯ୍ୟ ଉତ୍ତୋଳନ ପରିମାଣ {cum (MGQ) | EMDAmount (In Rs.) |
|---|---|---|---|---|---|---|---|---|
| 1 | ବୁଢା ବଳଙ୍ଗ ନଦୀ ବାଲି ଶଯ୍ୟା-୧ T.M.C. No. 01/2022-23 | ଡେମ୍ପୌଦା | 200 | 1/1 | 6.35 | ଟ. ୩୫.୦୦+ ଟ.୭୮୫.୦୦ = ଟ ୮୨୦.୦୦ | 5000cum as per E.C &27,000 cum.as per Mining Plan | 2,05,000/- |
| | | ବେଲାଣପୁରା | 160 | 711/1 | 2.00 | | | |
| | | ମଧୁନଣ୍ଡା | 95 | 1/1 | 3.98 | | | |
| | Total | | | | 12.33 | | | |
| 2 | ବୁଢା ବଳଙ୍ଗ ନଦୀ ବାଲି ଶଯ୍ୟା-2 T.M.CNo. 02/2022-23 | ପାଟଳିପୁରା | 175 | 491/1 | 6.32 | ଟ. ୩୫.୦୦+ ଟ.୭୮୫.୦୦ = ଟ ୮୨୦.୦୦ | 5000cum as per E.C &28,000 cum.as per Mining Plan | 2,05,000/- |
| | | ପ୍ରତିମାଦେଇପୁର | 121 | 177/1 | 6.00 | | | |
| | Total | | | | 12.32 | | | |
| 3 | ବୁଢା ବଳଙ୍ଗ ନଦୀ ବାଲି ଶଯ୍ୟା-3 T.M.C. No. 03/2022-23 | ଶଙ୍ଖମୋଡ | 63 | 1/1 | 3.26 | ଟ. ୩୫.୦୦+ ଟ.୭୮୫.୦୦ = ଟ ୮୨୦.୦୦ | 5000cum as per E.C &17,000 cum.as per Mining Plan | 2,05,000/- |
| | | | | 275 | 9.07 | | | |
| | Total | | | | 12.33 | | | |

08/09/2022

ତହସିଲଦାର ଏବଂ ପ୍ରାଧିକୃତ ଅଧିକାରୀ,
ବେତନୋଟି

TAHASILDAR
BETNOTI

ଜ୍ଞାପକ ସଂଖ୍ୟା:-୪୩୧୪//ତା୦୮.୦୯.୨୦୨୨ ରିଖ//

ଏହାର ଏକକିତା ନକଲ ଜିଲ୍ଲାପାଳ, ମୟୂରଭଞ୍ଜ / ଉପ-ଜିଲ୍ଲାପାଳ, ବାରିପଦାଙ୍କ ଅବଗତି ନିମନ୍ତେ ପ୍ରେରଣ କରାଗଲା ।

08/09/2022

ତହସିଲଦାର ଏବଂ ପ୍ରାଧିକୃତ ଅଧିକାରୀ,
ବେତନୋଟି
TAHASILDAR
BETNOTI

ଜ୍ଞାପକ ସଂଖ୍ୟା:-୪୩୧୫//ତା୦୮.୦୯.୨୦୨୨ ରିଖ//

ଏହାର ଏକକିତା ନକଲ DIO, NIC, Mayurbhanjଙ୍କ ଅବଗତି ତଥା ମୟୂରଭଞ୍ଜ ଜିଲ୍ଲା Websiteରେ ଉପଲବ୍ଧ କରିବା ନିମନ୍ତେପ୍ରେରଣ କରାଗଲା ।

08/09/2022

ତହସିଲଦାର ଏବଂ ପ୍ରାଧିକୃତ ଅଧିକାରୀ,
ବେତନୋଟି
TAHASILDAR
BETNOTI

ଜ୍ଞାପକ ସଂଖ୍ୟା:-୪୩୧୬//ତା.୦୮.୦୯.୨୦୨୨ରିଖ//

ଏହାର ନକଲ ଗୋଷ୍ଠୀ ଉନ୍ନୟନ ଅଧିକାରୀ, ବେତନଟୀ / ପଞ୍ଚାୟତ ସମିତି କାର୍ଯ୍ୟାଳୟ ନୋଟିସ ଫଳକ / ତହସିଲ ନୋଟିସ ଫଳକ / ସମସ୍ତ ରାଜସ୍ୱ ନିରୀକ୍ଷକଙ୍କ କାର୍ଯ୍ୟାଳୟ ନୋଟିସ ଫଳକ / ସମସ୍ତ ଗ୍ରାମ ପଞ୍ଚାୟତକାର୍ଯ୍ୟାଳୟ ନୋଟିସ ଫଳକ , ସଂପୃକ୍ତ ଗ୍ରାମ ଏବଂ ସଇରାତ ସ୍ଥଳରେ ଜନସାଧାରଣଙ୍କ ଅବଗତି ଏବଂ ବହୁଳ ପ୍ରଚାର ନିମନ୍ତେ ପ୍ରେରଣ କରାଗଲା ।

08/09/2022

ତହସିଲଦାର ଏବଂ ପ୍ରାଧିକୃତ ଅଧିକାରୀ,
ବେତନୋଟି
TAHASILDAR
BETNOTI